## ଅଟୋ ଓଲଟି ୧୦ ଗୁରୁତର

ଆନନ୍ଦପୁର,(ସ୍ୱ.ପ୍ର.)- କେନ୍ଦୁଝର ଜିଲା ଘସିପୁରା ଥାନାର ଶୈଳଙ୍ଗ ଛକ ନିକଟରେ ଏକ ଅଟୋ ଦୁର୍ଘଟଣାଗ୍ରସ୍ତ ହୋଇ ଓଲଟିପଡିବାରୁ ସେଥିରେ ଥିବା ସ୍ୱୟଂ ସହାୟିକା ଗୋଷ୍ଠୀର ୩ ମହିଳା ଗୁରୁତର ହେବା ସହିତ ୭ ଜଣ ମହିଳା ଆହତ ହୋଇଛନ୍ତି। ସମସ୍ତ ଗୁରୁତର ଓ ଆହତମାନଙ୍କୁ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଘସିପୁରା ଥାନା ଅଧୀନ ତାଳଗାଁର ଏକ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ଅଟୋ ଯୋଗେ ବ୍ୟାଙ୍କକୁ ଟଙ୍କା ଉଠାଣ କରିବାକୁ ଯାଉଥିଲେ।

## ଆଜି କ'ଣ କେଉଁଠି

**ମୟୂରଭଞ୍ଜ**

■୪ଦିନିଆ ରାଜ୍ୟସ୍ତରୀୟ ବ୍ୟାଡମିଟନ ପ୍ରତିଯୋଗିତାର ଶୁଭ ଉଦ୍‌ଘାଟନ ଉତ୍ସବ। ସ୍ଥାନ–ବାରିପଦା ଇଣ୍ଡୋର ଷ୍ଟାଡିୟମ , ସମୟ:ପୂର୍ବାହ୍ନ ୧୦.୩୦।

## ସ୍ତ୍ରୀ ହତ୍ୟାକାରୀଙ୍କୁ ଆଜୀବନ ଜେଲ୍

ରାଇରଙ୍ଗପୁର,୨୭।୧୦(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ କୋର୍ଟରେ ବୁଧବାର ଏକ ନରହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ଅନୁପ ରଞ୍ଜନ ପଟ୍ଟନାୟକ ଏହାର ବିଚାର କରି ସ୍ତ୍ରୀ ହତ୍ୟାକାରୀ ସ୍ୱାମୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅଧିକ ୬ ମାସ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ୨୦୧୬ ଅଗଷ୍ଟ ୧ରେ ବିଶୋଇ ଥାନା ଅଧୀନ ବାଧୁଣିଆ ଗ୍ରାମର ରାଣୀ ସିଂଙ୍କୁ ତାଙ୍କ ସ୍ୱାମୀ ରଥ ନାୟକ ପୋଡ଼ି ମାରି ଦେଇଥିବା ଅଭିଯୋଗ ହୋଇଥିଲା। ରାଣୀଙ୍କ ବାପା ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ମୁଣ୍ଡାକଟା ଗ୍ରାମର ନନ୍ଦ ସିଂଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା(ନଂ.୭୩/୩୮।୨୦୧୬) ରୁଜୁ କରି ଅଭିଯୁକ୍ତ ରଥଙ୍କୁ ଗିରଫ କରିଥିଲା। ସରକାରୀ ଓକିଲ ପଙ୍କଜ ଦାସ ମାମଲା ପରିଚାଳନା କରୁଥିଲେ।

## ମହିଳାଙ୍କ ଆତ୍ମହତ୍ୟା

ଠାକୁରମୁଣ୍ଡାତା,୨୭।୧୦(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ମହୁଲଡିହା ଥାନା ଜରକ ପଞ୍ଚାୟତ ଅନ୍ତର୍ଗତ ପାଣପୋଷୀ ଗ୍ରାମର ଅର୍ଜୁନ ମହାନ୍ତଙ୍କ ସ୍ତ୍ରୀ ସୁକାନ୍ତୀ ବେକରେ ରଶି ଦେଇ ଆତ୍ମହତ୍ୟା କରିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଆତ୍ମହତ୍ୟାର କାରଣ ସ୍ପଷ୍ଟ ହୋଇନି।

ବାଂଶପାଣି ଷ୍ଟେଶନରେ ତୁମୁଳକାଣ୍ଡ ଘଟଣା

## ଆଉ ୩ ଅଭିଯୁକ୍ତ ଗିରଫ

ଯୋଡ଼ା,୨୭।୧୦(ଡି.ଏନ.ଏ.): କେନ୍ଦୁଝର ଜିଲା ଯୋଡ଼ା ଥାନା ଅନ୍ତର୍ଗତ ବାଂଶପାଣି ଷ୍ଟେଶନରେ ବ୍ୟାପକ ଭଙ୍ଗାରୁଜା ଓ ଆକ୍ରମଣରେ ଆରପିଏଫ ଯବାନଙ୍କ ମୃତ୍ୟୁ ଘଟଣାରେ ପୋଲିସ ବୁଧବାର ଆଉ ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ କମାର ଯୋଡ଼ା କୁଦୂର ସାହିର ଗଙ୍ଗା ମୁଣ୍ଡା, କମାର ଯୋଡ଼ା ଅଞ୍ଚଳର ସୁରେଶ ଚନ୍ଦ୍ର ବେହେରା ଓ ବାଂଶପାଣି ରାଧା ହାଟିଂର କୁନି ପାତ୍ର। ସୂଚନାଯୋଗ୍ୟ, ଏହି ଘଟଣାରେ ପୋଲିସ ପୂର୍ବରୁ ୭ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

## ନାବାଳିକାଙ୍କୁ ଅପହରଣ ଅଭିଯୋଗ

ବୈଶିଙ୍ଗା,୨୭।୧୦(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଞ୍ଚଳର ଜଣେ ନାବାଳିକା ପାଣି ଆଣିବାକୁ ଯାଇ ନିଖୋଜ ଥିବା ଜଣାପଡ଼ିଛି। ତାଙ୍କୁ କେହି ଅପହରଣ କରି ନେଇଥିବା ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ଏକ ମାମଲା (ନଂ.୩୧୦/୨୧) ରୁଜୁ କରି ତଦନ୍ତ ଜାରି ରଖିଛି।

## ରନ୍ଧାମଦ ଜବତ, ୨ ଗିରଫ

ଭଣ୍ଡାରିପୋଖରୀ, ୨୭।୧୦ (ଡି.ଏନ.ଏ)- ଭଦ୍ରକ ଜିଲା ଅବକାରୀ ବିଭାଗ ପକ୍ଷରୁ ଧାମନଗର ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରହ୍ଲାଦ ସାମଲ ଓ ଷ୍ଟାଫମାନଙ୍କୁ ନେଇ ଗଠିତ ସ୍ୱତନ୍ତ୍ର ଟିମ୍ ମଞ୍ଜୁରୀରୋଡ୍ ବଜାର ଏବଂ ଭଣ୍ଡାରିପୋଖରୀ ମେଡିକାଲ ଛକ ନିକଟରେ ଚଢ଼ାଉ କରି ୧୬୦ ଲିଟର ଦେଶୀ ରନ୍ଧାମଦ କରିଛି। ଏଥିସହ ଏକ ବାଇକ୍ ଓ ସ୍କୁଟି ଜବତ କରିଛି ଏହି ଟିମ୍। ଆନନ୍ଦପୁର ଥାନା ଅଧୀନ ମୁର୍ଗାଗୋଠ ଗ୍ରାମର ବୀର ହୋ ଓ ଯାଜପୁର ଜିଲା ବିଦ୍ୟାଧରପୁର ଗ୍ରାମର କୁଳମଣି ଜେନାଙ୍କୁ ଗିରଫ କରାଯାଇଛି।

## ଗାଁ ସାଥୀ ସଂଘର ଧାରଣା

ବିଶୋଇ,୨୭।୧୦(ଡି.ଏନ.ଏ.)- ଓଡ଼ିଶା ପ୍ରଦେଶ ଗାଁ ସାଥୀ ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟିର ଆହ୍ୱାନ କ୍ରମେ ୨୫ ଦଫା ଦାବି ନେଇ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ରାଜ୍ୟ ମୁଖ୍ୟ ଶାସନ ସଚିବ, ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗର ଶାସନ ସଚିବ ଓ ନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଶୋଇ ବିଡିଓଙ୍କୁ ପ୍ରଦାନ କରାଯାଇଛି। ମୟୂରଭଞ୍ଜ ଗାଁ ସାଥୀ ମିଳିତ କ୍ରିୟାନୁଷ୍ଠାନ କମିଟିର ଜିଲା ସଭାପତି ଇଂ. କରୁଣାକର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଧାରଣାରେ ବ୍ଲକ ସଂଘର ସଭାପତି ବାସୁଦେବ ମୁର୍ମୁ, ସମ୍ପାଦକ ଧନେଶ୍ୱର ହେମ୍ବ୍ରମ ପ୍ରମୁଖ ଯୋଗଦେଇଥିଲେ।

# ୧୦ ବର୍ଷ ହେଲା ଚାଲିଛି ନିର୍ମାଣ

**ଜିଲା ସଂସ୍କୃତି ଭବନ**

■ବିଳମ୍ବ ପାଇଁ ଦେଢ଼ କୋଟି କ୍ଷତି

ନରେଶ ଚନ୍ଦ୍ର ପଟ୍ଟନାୟକ
କେନ୍ଦୁଝର,୨୭।୧୦

କେନ୍ଦୁଝର ଜିଲା ମୁଖ୍ୟାଳୟ ମଣ୍ଡୁଆ ନିକଟରେ ନବ ନିର୍ମିତ ଜିଲା ସଂସ୍କୃତି ଭବନ କାର୍ଯ୍ୟକ୍ଷମ ହୋଇପାରୁନାହିଁ। ଜିଲା ମୁଖ୍ୟାଳୟରେ ବିଭିନ୍ନ କଳା ନୈପୁଣ୍ୟର ପ୍ରଦର୍ଶନ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ନ ଥିଲା। ଏକମାତ୍ର ନଗର ଭବନରେ ଏହି ସରକାରୀ ଓ ବେସରକାରୀ ସମସ୍ତ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇ ଆସୁଥିଲା। ଏଣୁ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଜିଲା ସାଂସ୍କୃତିକ ଭବନ ନିର୍ମାଣର ପରିକଳ୍ପନା କରାଯାଇଥିଲା। ତେବେ ଦୀର୍ଘ ପ୍ରାୟ ୧୦ ବର୍ଷ ହେଲା ଏହାର ନିର୍ମାଣ ସରୁନାହିଁ କିମ୍ବା ଲୋକାର୍ପଣ ହୋଇ ପାରୁନାହିଁ। ଫଳରେ ସଂସ୍କୃତିପ୍ରେମୀ ତଥା କଳାକାରଙ୍କ ମଧ୍ୟରେ ଘୋର ଅସନ୍ତୋଷ ପ୍ରକାଶ ପାଉଛି।

ପ୍ରକାଶ ଯେ, ୨୦୧୧ ଡିସେମ୍ବର ୨୯ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ୨୦୧୨ରେ ଏହାର କାର୍ଯ୍ୟ ଆରମ୍ଭ ହୋଇଥିଲା। ଏବେ ଏହି ଭିତ୍ତିଭୂମୀ ଫଳକ ମଳିନ ପଡିଯାଇଥିଲେ ହେଁ ଭବନ ନିର୍ମାଣ କାର୍ଯ୍ୟକ୍ଷମ ହୋଇ ପାରୁନାହିଁ। ଏହାର ଶିଳାନ୍ୟାସ ସମୟରେ ତତ୍କାଳୀନ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ବଦ୍ରୀ ନାରାୟଣ ପାତ୍ରଙ୍କ ସମେତ ଜିଲାର ଏମ୍‌ପି ଓ ବିଧାୟକମାନେ ଉପସ୍ଥିତ ଥିଲେ। ପ୍ରତ୍ୟେକ ବର୍ଷ ଏଠାରେ ନିର୍ମାଣ, ମରାମତି ବା ଅଦଳବଦଳ ବାବଦକୁ ଅର୍ଥ ଖର୍ଚ୍ଚ ହେଉଛି କିନ୍ତୁ କାର୍ଯ୍ୟକ୍ଷମ ହୋଇପାରୁନାହିଁ। ଏହାର ନିର୍ମାଣ ଖର୍ଚ୍ଚ ପାଖାପାଖି ୩.୫ କୋଟି ଟଙ୍କାରେ ପହଞ୍ଚିଥିବା ଜଣାପଡ଼ିଛି। ଫଳରେ ଏହାର ବ୍ୟୟ ଅଟକଳ ବହୁ ପରିମାଣରେ ବଢ଼ିଯାଇ ଖର୍ଚ୍ଚ ହୋଇଥିବାରୁ ଏହାର ତଦନ୍ତ ହେଲେ



ଏଣେତେଣେ କରିବାକୁ ପଡୁଛି। ଏହି ଅଭିଯୋଗ ହୋଇ ଆସୁଥିବା ଆର୍ଥିକ ଅନିୟମତତା ପଦାକୁ ଆସିପାରିବ ବୋଲି ମତପ୍ରକାଶ ପାଉଛି। ଏଭଳି ବିଳମ୍ବ ଓ ସରକାରଙ୍କ ରାଜସ୍ୱ କ୍ଷତି ମୁଖ୍ୟମନ୍ତ୍ରୀଙ୍କ ପ୍ରତି ପରୋକ୍ଷରେ ଅନାଦର କରାଯାଇଛି ବୋଲି ଦଳୀୟ ନେତା ମାନେ ମତବ୍ୟକ୍ତ କରୁଛନ୍ତି। ବିଭିନ୍ନ ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ସ୍ଥାୟୀ ବ୍ୟବସ୍ଥା ନ ଥିବାରୁ ଏଣେତେଣେ କରିବାକୁ ପଡୁଛି। ଏହି ଭବନ କାର୍ଯ୍ୟକାରୀ ହେଲେ ବର୍ଷ ତମାମ ବିଭିନ୍ନ ପ୍ରକାରର ନୃତ୍ୟଗୀତ, ନାଟକ, ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇ ପାରନ୍ତା ବୋଲି ସଂସ୍କୃତି ପ୍ରେମୀ ନିର୍ମଳ ନାୟକ କହିଛନ୍ତି । ସେହିପରି ଜିଲାରେ ସଂସ୍କୃତି ବିଭାଗ ରହିଥିଲେ ହେଁ ଏବଂ ପୂର୍ଣ୍ଣକାଳୀନ ସଂସ୍କୃତି ଅଧିକାରୀ ଓ କର୍ମଚାରୀ ନିଯୁକ୍ତି ହୋଇଥିଲେ ହେଁ ଉକ୍ତ ଭବନକୁ ଅଫିସ ସ୍ଥାନାନ୍ତର ହେଉ ନାହିଁ।

ଏନେଇ ଜିଲା ସଂସ୍କୃତି ଅଧିକାରୀ ମନସ୍ୱିନୀ ରାଉତଙ୍କୁ ପଚାରିବାରୁ ପ୍ରାରମ୍ଭରେ ସଂସ୍କୃତି ବିଭାଗରୁ କିଛି ଅର୍ଥ ଆସିଥିଲା। ପରେ ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠିରୁ ଏବଂ ଜିଲା ଖଣିଜ ପାଣ୍ଠି ଅର୍ଥରେ କାମ ହୋଇଥିଲା। ସୂଚନା ଅଧିକାର ଆଇନରେ ମିଳିଥିବା ତଥ୍ୟ ଅନୁଯାୟୀ ଏହାର ବ୍ୟୟ ଅଟକଳ ପାଖାପାଖି ୨.୫ କୋଟି ଥିଲା। ତେବେ କାମ ବିଳମ୍ବ ହେବାରୁ ଏହା ବୃଦ୍ଧି ପାଇ ୩.୫ କୋଟି ଟପି ଯାଇଥିବା ବେଳେ ପାଚେରି ଓ ଅନ୍ୟାନ୍ୟ କାମ ଚାଲିଛି। ଏଣୁ ଏହାର ଖର୍ଚ୍ଚ ୪ କୋଟି ଟପି ଯିବଣି । ଏଣୁ କାମରେ ବିଳମ୍ବ ଯୋଗୁ ପାଖାପାଖି ଦେଢ କୋଟି ଟଙ୍କା ସରକାରଙ୍କ କ୍ଷତି ହୋଇଛି। ଏଣୁ ଏହା କିଏ ଭରଣା କରିବ। ଯେଉଁମାନେ ଦାୟୀ ସେମାନଙ୍କଠାରୁ ଏହା ଆଦାୟ କରିବାକୁ ସୂଚନାଅଧିକାର କର୍ମୀ ଲକ୍ଷ୍ମୀଧର ଜେନା ଦାବି କରିଛନ୍ତି। ସେହିପରି ୨୦୧୨ରେ ଭବନ କୋଠାର ନିର୍ମାଣ କାମ ଆରମ୍ଭ ହୋଇଥିଲା। ଦୀର୍ଘ ବହୁ ବର୍ଷ ଧରି ପଡିରହିବା ଫଳରେ ଏହାର ସ୍ଥାୟୀତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଧାରଣାରେ ବସିଲେ ମହିଳା

**ମିଶନଶକ୍ତିକୁ ବାଲିଘାଟ ହସ୍ତାନ୍ତର ଦାବି**

ଚିତ୍ରଡ଼ା,୨୭।୧୦(ଡି.ଏନ.ଏ.)

ଟେଣ୍ଡର ବକ୍ସ ଖୋଲିବା ଓ ମିଶନଶକ୍ତିକୁ ବାଲିଘାଟ ହସ୍ତାନ୍ତର କରାଯିବା ଦାବିରେ ବୁଧବାର ଶତାଧିକ ମହିଳା ମୟୂରଭଞ୍ଜ ଜିଲା ମୋରଡ଼ା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଏହି ତହସିଲ ଅନ୍ତର୍ଗତ ଜମ୍ବୀରା ନଦୀର ବଡ଼ଫେରା, ବରକନ୍ଦ, ଗଡ଼ିଆ, ଗଣ୍ଡଗୁହାଳି ବାଲି ଘାଟ ପାଇଁ ୨୦୨୧–୨୨ ଆର୍ଥିକ ବର୍ଷଠାରୁ ୫ ବର୍ଷ ପର୍ଯ୍ୟନ୍ତ ଲିଜ୍ ପାଇଁ ଗତ ୧୧ରୁ ୨୫ ତାରିଖ ପର୍ଯ୍ୟନ୍ତ ଟେଣ୍ଡର ଆହ୍ୱାନ କରାଯାଇଥିଲା। କିନ୍ତୁ ୨୫ ତାରିଖରେ ଭାଜପା ପକ୍ଷରୁ ୧୨ ଘଣ୍ଟିଆ ମୟୂରଭଞ୍ଜ ବନ୍ଦ ପାଇଁ ବହୁ ଆବେଦନକାରୀ ଆବେଦନ କରି ପାରି ନ ଥିଲେ। ଯାହା ଫଳରେ ୨୬ ତାରିଖରେ ଟେଣ୍ଡର ବକ୍ସ ଖୋଲାଯିବାକୁ ଥିବାବେଳେ ଟେଣ୍ଡର ବକ୍ସ ଖୋଲା ଯାଇ ନ ଥିଲା। ଏହାର ପ୍ରତିବାଦରେ ମିଶନଶକ୍ତି ମହିଳାମାନେ ଧାରଣାରେ ବସିବା ସହ ଆଗାମୀ ଦିନରେ ସମସ୍ତ ବାଲି ଘାଟ ମିଶନଶକ୍ତିକୁ ହସ୍ତାନ୍ତର କରାଯାଉ ବୋଲି ଦାବି ରଖିଥିଲେ। ଏସଂକ୍ରାନ୍ତରେ ମୋରଡ଼ା ତହସିଲଦାର ଅନନ୍ତ କୁମାର ହାଁସଦାଙ୍କୁ ପଚାରିବାରୁ ଯେଉଁମାନେ ବନ୍ଦ ଡାକରା ଦିନ ଟେଣ୍ଡର ପକାଇ ପାରିନାହାନ୍ତି ସେମାନଙ୍କୁ ଆଗାମୀ ନଭେମ୍ବର ୬ତାରିଖ ମଧ୍ୟରେ ଆଉ ଗୋଟେ ଦିନ ଟେଣ୍ଡର ପକାଇବା ପାଇଁ ସୁଯୋଗ ଦିଆଯିବ ବୋଲି ପ୍ରକାଶ କରିଛନ୍ତି। ତେବେ ମିଶନଶକ୍ତି ମହିଳାଙ୍କୁ ଢାଲ କରି ବାଲି ମାଫିଆମାନେ ତହସିଲ ଘେରାଉ ଯୋଜନା କରିଥିବା ଆଲୋଚନା ହେଉଛି।

## ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉଦ୍‌ଘାଟିତ

ଭଦ୍ରକ ଅଫିସ, ୨୭।୧୦

ଭଦ୍ରକ ସହରକୁ ଲାଗି ରହିଥିବା ଏରେଇଁଠାରେ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସରପଞ୍ଚ ଅଶ୍ୱିନୀ ରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ବିଧାୟକ ମଲ୍ଲିକ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସନ୍ତୋଷ ପାତ୍ର, ବ୍ଲକ ଅଧ୍ୟକ୍ଷ ରଘୁନାଥ ଧଳ ପ୍ରମୁଖ ଯୋଗ ଦେଇଥିଲେ। ଏହି ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୧ କୋଟି ୧୦ ଲକ୍ଷ ଟଙ୍କାର ଅନୁଦାନ ପ୍ରଦାନ କରାଯାଇଥିଲା। ତେବେ ନୂତନ ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର କାର୍ଯ୍ୟକ୍ଷମ ପରେ ଏରେଇଁ, ପରସିଙ୍ଗା, ବଣିଆ, ଚରମ୍ପା ଏବଂ ସହରାଞ୍ଚଳର ୫ଟି ୱାର୍ଡର



ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଉଦ୍‌ଘାଟନ କରୁଛନ୍ତି।

ଲୋକେ ସୁବିଧାରେ ସ୍ୱାସ୍ଥ୍ୟସେବା ପାଇପାରିବେ ବୋଲି ବିଧାୟକ କହିଥିଲେ। ସେହିଭଳି ଶହୀଦ ସ୍ମୃତି ଭବନ ପରିସରରେ ଓଡ଼ିଶା ଜୀବିକା ମିଶନ ଦ୍ୱାରା ଆୟୋଜିତ ଏକ ସ୍ୱତନ୍ତ୍ର ସଭାରେ ବିଧାୟକ ଯୋଗଦେଇ ମହିଳାମାନେ ଦେଶର ମେରୁଦଣ୍ଡ ବୋଲି ବକ୍ତବ୍ୟ ରଖି ଉତ୍ସାହିତ କରିଥିଲେ। ଏହି ଅବସରରେ ଓଡ଼ିଶା ଜୀବିକା ମିଶନ ପକ୍ଷରୁ ୬୫୮ ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ୧୬ କୋଟି ୯ ଲକ୍ଷ ୪୮ ହଜାର ଟଙ୍କା ଋଣ ପ୍ରଦାନ କରାଯାଇଛି।

## ମାସ୍କ ଚେକିଂ ବେଳେ ମିଳିଲା ବ୍ରାଉନସୁଗାର

**୧ କିଲୋ ୩୦ ଗ୍ରାମ୍ ଜବତ, ୨ ଗିରଫ**

ଭଦ୍ରକ ଅଫିସ, ୨୭।୧୦

ଭଦ୍ରକ ଗ୍ରାମାଞ୍ଚଳ ପୋଲିସ ବୁଧବାର ମାସ୍କ ଚେକିଂ ସମୟରେ ରାନ୍ଦିଆ ନିକଟରୁ ୧ କିଲୋ ୩୦ ଗ୍ରାମ୍ ବ୍ରାଉନସୁଗାର ଜବତ କରିଛି। ଏଥିରେ ସମ୍ପୃକ୍ତ ୨ ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଗଣିଜାଙ୍ଗ ହାସିନପୁର ଗାଁର ଶ୍ରୀକାନ୍ତ ପ୍ରଧାନ ଓ ଅରୁଣ ସେଠୀ।

ଭଦ୍ରକ–ଆନନ୍ଦପୁର ୫୩ନଂ. ରାଜ୍ୟ ରାଜପଥର ରାନ୍ଦିଆ ଛକ ନିକଟରେ ଗ୍ରାମାଞ୍ଚଳ ପୋଲିସ ମାସ୍କ ଚେକିଂ କରୁଥିଲା। ଏହି ସମୟରେ ଶ୍ରୀକାନ୍ତ ଓ ଅରୁଣ ଏକ ବାଇକ୍‌ରେ ବିନା ମାସ୍କ ଏବଂ ହେଲ୍‌ମେଟରେ ଆସୁଥିବା ଦେଖି ପୋଲିସ ସେମାନଙ୍କୁ ଅଟକାଇଥିଲା। କିନ୍ତୁ ସେମାନେ ପୋଲିସକୁ ଦେଖି ବାଇକ୍ ଛାଡ଼ି ଦୌଡ଼ି ପଳାଇଥିଲେ। ପରେ ପୋଲିସ ସେମାନଙ୍କୁ କାବୁ କରିବା ସହ ଯାଞ୍ଚ କରିବାରୁ ବ୍ରାଉନସୁଗାର ମିଳିଥିଲା। ଏହାର ଆନୁମାନିକ ମୂଲ୍ୟ ୧ କୋଟି ୩୦ ଲକ୍ଷ ହେବ ବୋଲି ଭଦ୍ରକ ଏସ୍‌ପି ଚରଣ ସିଂ ମୀନା ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଅଭିଯୁକ୍ତଙ୍କ ବାଇକ୍ ଜବତ ହୋଇଛି। ଏନେଇ ଥାନାରେ ମାମଲା (ନଂ.୪୪୨/୨୧) ରୁଜୁ କରାଯାଇଛି। ତେବେ ସେମାନେ କେଉଁଠାରୁ ଏତେ ପରିମାଣର ବ୍ରାଉନସୁଗାର ଆଣିଥିଲେ ଓ କେଉଁ ସ୍ଥାନକୁ ନେଇ ଯାଉଥିଲେ ସେ ସମ୍ପର୍କରେ ପୋଲିସ ତଦନ୍ତ ଆରମ୍ଭ କରିଛି।

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ହାଟଡିହୀ,୨୭।୧୦(ଡି.ଏନ.ଏ.)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଅଧୀନ ସମସ୍ତ ପଞ୍ଚାୟତରେ ଥିବା ଗାଁ ସାଥୀ ଓ ମେଟ ମାନେ ହାଟଡିହୀ ବ୍ଲକ ସାମ୍ନାରେ ଧାରଣା ଦେବା ସହ ବିଡିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ, ବିଜେଡି ରାଜ୍ୟ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ଜିଲା ପ୍ରଶାସନିକ ଅଧିକାରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ସଂଘର ସଭାପତି ଶଶଧର ସେଠିଙ୍କ ଅଧ୍ୟକ୍ଷତାରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦାବି ଗୁଡ଼ିକ ମଧ୍ୟରେ ଗାଁ ସାଥୀଙ୍କୁ ଉପଯୁକ୍ତ ତାଲିମ ପ୍ରଦାନ, ଆବଶ୍ୟକୀୟ ଡାଟାବେସ ଉପକରଣମାନ ଯୋଗାଇଦେବା ଓ ଉପଯୁକ୍ତ ପାଉଣା, ଜବକାର୍ଡଧାରୀଙ୍କୁ ଶହେ ଦିନ ପରିବର୍ତ୍ତେ ଦୁଇଶହ ଦିନ କାର୍ଯ୍ୟ ଦିବସ ପ୍ରଦାନ ପ୍ରମୁଖ ଉଲ୍ଲେଖ ରହିଛି । ଏହି ଦାବିପତ୍ର ହାଟଡିହୀ ବିଡିଓ ବିନିତା ବିଜୟନୀଙ୍କୁ ପ୍ରଦାନ କରିଛନ୍ତି।

## ବେଆଇନ ଗଛ କାଟି ବଜାର ନିର୍ମାଣ

କେନ୍ଦୁଝର, ୨୭।୧୦ (ସ୍ୱ.ପ୍ର.)

କେନ୍ଦୁଝର ସହର ଥାନା ଛକ ନିକଟରେ ବଜାର ପ୍ରତିଷ୍ଠା ପାଇଁ ବେଆଇନ ଭାବେ ଗଛକଟା ଯୋଗୁ ସାଧରଣରେ ଅସନ୍ତୋଷ ବଢୁଛି। ପୌରପାଳିକା କର୍ମଚାରୀଙ୍କ ଉପସ୍ଥିତିରେ ବଜାର ପ୍ରତିଷ୍ଠା ପାଇଁ ଏଭଳି ଗଛ କଟାଯାଉଥିବାରୁ ଆଇନ ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି। ସହରର ସୌନ୍ଦର୍ଯ୍ୟକରଣ



ବଜାର ନିର୍ମାଣ ପାଇଁ ବେଆଇନ ଭାବେ ଗଛ କଟାଯାଇଛି।

ନାମରେ ପୌରପାଳିକା ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛି । ତେବେ ଲୋକଙ୍କ ମୌଳିକ ସମସ୍ୟା ସମାଧାନ କରିବା ପରିବର୍ତ୍ତେ ଅନ୍ୟାନ୍ୟ କାର୍ଯ୍ୟ କରି କଂକ୍ରିଟ ଜଙ୍ଗଲ ସୃଷ୍ଟି କରୁଥିବାରୁ ପରିବେଶବିତ ମାନେ ଘୋର ଅସନ୍ତୋଷ ବ୍ୟକ୍ତ କରିଆସୁଛନ୍ତି । ଏଣୁ ଏଭଳି ପରିସ୍ଥିତିରେ ଜଙ୍ଗଲ ସୃଷ୍ଟି କରିବା ପରିବର୍ତ୍ତେ ବଡ଼ ବଡ଼ ଗଛକୁ ବିନା ଅନୁମତିରେ ସରକାରୀ ଜମିରୁ କଟାଯାଇ ଅଣ ଓଡିଆ ବାହାର ଲୋକଙ୍କ ପାଇଁ ବଜାର ପ୍ରତିଷ୍ଠା କରୁଥିବା ଅଭିଯୋଗ ହେଉଛି। ଖୋଦ ପୌପାଳିକାର ଜଣେ କର୍ମଚାରୀଙ୍କ ଉପସ୍ଥିତିରେ ଗଛ କଟାଯାଇ ସରକାରୀ ଜମିକୁ ବ୍ୟବହାର କରିବାକୁ ପଦକ୍ଷେପ ନିଆଯାଉଥିବାରୁ ଏହାର ତଦନ୍ତ କରିବାକୁ ଲୋକେ ଦାବି କରିଛନ୍ତି। ଏନେଇ ଡିଏଫଓ କେନ୍ଦୁଝର ଡି.ଡି.ହନୁମତଙ୍କୁ ଜଣାଇବା ପରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। ସଦର ତହସିଲଦାର ଆଶିଷ ମହାପାତ୍ର ମଧ୍ୟ ସରକାରୀ ଜମିରେ ଗଛ କାଟି ବଜାର କରିବା ନେଇ ଉଦ୍‌ବେଗ ପ୍ରକାଶ କରିବାସଂ ତୁରନ୍ତ ପଦକ୍ଷେପ ନେବେ ବୋଲି କହିଛନ୍ତି। ଟାଉନ ଫରେଷ୍ଟର କାଳନ୍ଦୀ ସାମଲଙ୍କ ସହ ଯୋଗାଯୋଗ କରିବାରୁ ଗଛ କଟାଯାଇଥିବା ସ୍ଥାନର ଫଟୋ ଉଠାଯାଇ ତଦନ୍ତ କରାଯାଉଛି କହିଛନ୍ତି।

## ୨୩ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

**ମାସକର ଦରମା ବନ୍ଦ କଲେ ବିଇଓ**

ଭଦ୍ରକ ଅଫିସ, ୨୭।୧୦

ଭଦ୍ରକ ଜିଲା ଧାମନଗର ବ୍ଲକ ଶିକ୍ଷାଧିକାରୀ ପୀତାମ୍ବର ବାରିକ ଗତ ଦୁଇଦିନ ଧରି କିଛି ବିଦ୍ୟାଳୟକୁ ଅଚାନକ ପରିଦର୍ଶନରେ ଯାଇ କେତେଜଣ ଶିକ୍ଷୟିତ୍ରୀ ଶିକ୍ଷକ ଓ ସିଆର୍‌ସିସିଙ୍କ ଅନୁପସ୍ଥିତି ଦେଖି ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ସୂଚନା ଅନୁଯାୟୀ, ଦୀର୍ଘ ୧୮ ମାସର ବ୍ୟବଧାନ ପରେ ଗତ ୨୫ତାରିଖରେ ସମସ୍ତ ବିଦ୍ୟାଳୟ ଖୋଲିଛି। ନିର୍ଦ୍ଦେଶ ମୁତାବକ ସ୍କୁଲ ଖୋଲିବାର ପ୍ରଥମ ଦୁଇଦିନ ପିଲାମାନଙ୍କ ସହ ଶିକ୍ଷକମାନେ ଆମୋଦ ପ୍ରମୋଦ କରି କରୋନା ମହାମାରୀ ସମୟରେ ପିଲାମାନଙ୍କ ଚାଲି ଚଳନ ପ୍ରଭୃତି ଆଲୋଚନା କରି ମିଶିବା ପରେ ତୃତୀୟ ଦିନଠାରୁ ତିନିଦିନ ଧରି ମୂଳ ବିଷୟ ଉପରେ ପରୀକ୍ଷା ଚାଲିଛି। ବିଇଓ ବାରିକ ଅଚାନକ ପରିଦର୍ଶନରେ ଆସି କିଛି ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଶିକ୍ଷକ ଓ ସିଆର୍‌ସିସିମାନେ ଅନୁପସ୍ଥିତ ଥିବା ଦେଖି ଆଶ୍ଚର୍ଯ୍ୟ ହୋଇଥିଲେ। ବୁଧବାର ଭଗବାନପୁର ନୋଡାଲ ସ୍କୁଲର ୬, ପଳିକିରି ନୋଡାଲର ଜଣେ, ଚୁଡ଼ାକୁଟି ଦୁର୍ଗାଦେବୀ ବିଦ୍ୟାଳୟର ୬, ଦେହୁଡ଼ି ଆନନ୍ଦପୁର ଜଗନ୍ନାଥ ବିଦ୍ୟାଳୟର ୬, ନଦୀଗାଁ ଗୋଠିନା ନୋଡାଲର ୪ଜଣଙ୍କ ସମେତ ମୋଟ ୨୩ ଶିକ୍ଷକଙ୍କ ୧ ମାସର ଦରମା ବନ୍ଦ କରିବା ସହ ୪ ସିଆର୍‌ସିସିଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି।

ଏ ସମ୍ପର୍କରେ ବିଇଓ ବାରିକଙ୍କୁ ଯୋଗାଯୋଗ କରିବାରୁ ଶିକ୍ଷକମାନେ ଠିକ୍ ସମୟରେ ବିଦ୍ୟାଳୟକୁ ନ ଆସିବା, ବିନା ଦରଖାସ୍ତରେ ଛୁଟିରେ ରହିବା ବିଶେଷକରି ବର୍ତ୍ତମାନ ପିଲାମାନଙ୍କର ପରୀକ୍ଷା ଚାଲୁଥିବା ବେଳେ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଅବହେଳା ତଥା ସରକାରୀ ନିୟମ ଉଲ୍ଲଂଘନ କରିଥିବାରୁ ଏଭଳି କାର୍ଯ୍ୟାନୁଷ୍ଠାନ ନିଆଯାଇଛି ବୋଲି କହିଛନ୍ତି।

## ଏନ୍‌ସିସି ଶିକ୍ଷକ ଧର୍ମେନ୍ଦ୍ରଙ୍କୁ ସମ୍ବର୍ଦ୍ଧନା

ପାଟଣା,୨୭।୧୦(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ ମୁଖ୍ୟାଳୟ ଆଞ୍ଚଳିକ ମହାବିଦ୍ୟାଳୟର ଏନ୍‌ସିସି ଶିକ୍ଷକ ଧର୍ମେନ୍ଦ୍ର କୁମାର ସାହୁ ମହାରାଷ୍ଟ୍ରର ନାଗପୁର (କ୍ୟାମ୍ପ)ଠାରେ ଭାରତ ସରକାରଙ୍କ ପ୍ରତିରକ୍ଷା ବିଭାଗ ତରଫରୁ ୩ ମାସିଆ ଶିବରରେ ପ୍ରଶିକ୍ଷଣ ଶେଷକରି ଲ୍ୟୁଟନାଣ୍ଟ ଡିଗ୍ରୀ ହାସଲ କରିଥିଲେ। ଏନେଇ ଧର୍ମେନ୍ଦ୍ରଙ୍କୁ ମହାବିଦ୍ୟାଳୟ ସଭାଗୃହରେ ବୁଧବାର ଏନ୍‌ସିସି ଛାତ୍ରୀଛାତ୍ରଙ୍କ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ଆୟୋଜିତ ସମ୍ବର୍ଦ୍ଧନା ସଭାକୁ ଇଂରାଜୀ ଆଧ୍ୟପକ ଅଶ୍ୱିନୀ କୁମାର ସାହୁ ସଂଯୋଜନା କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ବିରେନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ବିଶ୍ୱଜିତ ପାତ୍ର, ଇଂରାଜୀ ଅଧ୍ୟାପକ ଶୈଳେନ୍ଦ୍ର କୁମାର ଡାଲୁଆ ପ୍ରମୁଖ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## କିଡ୍‌ନୀ ପ୍ରତିରୋପଣ ପାଇଁ ଅର୍ଥ ବାଧକ

ବନ୍ତ,୨୭।୧୦(ସ୍ୱ.ପ୍ର.)

ଭଦ୍ରକ ଜିଲା ବନ୍ତ ଥାନା ଅଧୀନ ଓଡ଼ଙ୍ଗ ପଞ୍ଚାୟତ ସରମରା ଗ୍ରାମର ବାଦଲ ଦାସ (୨୨) କିଡ୍‌ନୀ ରୋଗରେ ଆକ୍ରାନ୍ତ। ତାଙ୍କର ୨ଟି ଯାକ କିଡ୍‌ନୀ ଖରାପ ହୋଇଥିବାବେଳେ ପରିବାର ଆର୍ଥିକ ଅବସ୍ଥା ଖରାପ ଯୋଗୁ ଚିକିତ୍ସାରେ ବାଧକ ହେଉଛି। ବଡ଼ପୁଅ ହିସାବରେ ପରିବାରର ବୋଝ ନିଜ କାନ୍ଧରେ ନେଇଥାନ୍ତେ କିନ୍ତୁ ନିଜେ ପରିବାର ପାଇଁ ବୋଝ ହୋଇଯାଇଛନ୍ତି। ଗ୍ରାମର ପ୍ରଫୁଲ୍ଲ ଦାସଙ୍କ ବଡ଼ପୁଅ ବାଦଲ। ସେ ଏବେ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ତାଙ୍କର ଗୋଟିଏ କିଡ୍‌ନୀ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ବେଳେ ଅନ୍ୟଟି ୫୦ ପ୍ରତିଶତ ଖରାପ ହୋଇଥିବାରୁ ପ୍ରତିରୋପଣ ଆବଶ୍ୟକ ବୋଲି ଡାକ୍ତର କହିଛନ୍ତି। ଏଥିପାଇଁ ୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଆବଶ୍ୟକ ଥିବାବେଳେ ପରିବାରର ଆର୍ଥିକ ସ୍ଥିତି ଦୁର୍ବଳ। ତାଙ୍କ ବାପା ଜଣେ



କିଡ୍‌ନୀ ରୋଗରେ ଆକ୍ରାନ୍ତ ବାଦଲ ଦାସ।

ଦିନମଜୁରିଆ ହୋଇଥିବା ବେଳେ ମୂଳ ଲାଗି ପରିବାର ଚଳାନ୍ତି। ଏତେ ଟଙ୍କା ଯୋଗାଡ଼ କରିବା ତାଙ୍କ ପକ୍ଷେ ସମ୍ଭବ ନୁହେଁ। ପୁଅର ଚିକିତ୍ସା ପାଇଁ ବାପା ଆକୁଳ ନିବେଦନ କରିଥିବା ବେଳେ ବାଦଲଙ୍କ ସାଙ୍ଗମାନେ ସୋସିଆଲ ମିଡିଆ ଜରିଆରେ ସହାୟତା ଲୋଡ଼ିଛନ୍ତି।

## ଅସହାୟ ଜେଜେମା' କାନ୍ଧରେ ୫ ନାତୁଣୀଙ୍କ ବୋଝ

ଚମ୍ପୁଆ, ୨୭।୧୦(ଡି.ଏନ.ଏ)

ବୟସର ଅପରାହ୍ନରେ ପହଞ୍ଚିଛନ୍ତି ରୋଗାଗ୍ରସ୍ତ କୁନି ମୁଣ୍ଡା। ପ୍ରଥମେ ସ୍ୱାମୀ ତାଙ୍କୁ ଛାଡ଼ି ଚାଲିଯିବା ପରେ ପୁଅବୋହୂ ତାଙ୍କୁ ନେଇ ବେଶ୍ ଖୁସିରେ ଚଳୁଥିଲେ। ଦଇବର ଦାରୁଣ କଷାଘାତରେ ଖୁସି ଆଉ ବେଶୀଦିନ ରହିଲା ନାହିଁ। ପାରାଲିସିସ୍ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିବା ପୁଅ ଝିଅ, ସ୍ତ୍ରୀ ଓ ମା'ଙ୍କୁ ଛାଡି ଆରପାରିକୁ ଚାଲିଗଲା ପରେ ଦୁଃଖର ବୋଝ ଯେମିତି ଲଦି ହୋଇପଡ଼ିଲା। ତାଙ୍କ ବୋହୂ ୫ ଝିଅଙ୍କୁ ଛାଡି ନିଜ ବାପଘରକୁ ପଳାଇଲେ।

ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ଚମ୍ପୁଆ ବ୍ଲକ ରଜିଆ ପଞ୍ଚାୟତର ଆଦିବାସୀ ଅଧୁଷିତ କଇଁତା ଗ୍ରାମରେ। ୨୦୧୫–୧୬ ମସିହାରେ କୁନିଙ୍କୁ ମିଳିଥିବା ବିଜୁ ପକ୍କାଘର ଆଜିପର୍ଯ୍ୟନ୍ତ ଅର୍ଦ୍ଧନିର୍ମିତ ଅବସ୍ଥାରେ



୫ ନାତୁଣୀଙ୍କ ସହ କୁନି ମୁଣ୍ଡା।

ପଡିରହିଛି। ବାଉଁସ ବତାରେ ନିର୍ମାଣ କରାଯାଇଥିବା ଗେଟ କବାଟର କାମ କରୁଥିବା ବେଳେ ୫ ବର୍ଷ ହେବ ଝରକାରେ ଟଙ୍ଗା ଯାଉଛି ଛିଣ୍ଡା ଶାଢ଼ୀ। ୫ ଛୁଆ ଓ ଜେଜେମା ଖାଉଟି ସୁରକ୍ଷାରେ ସାମିଲ ହୋଇ ପାଉଥିବା ଚାଉଳ ହିଁ ଏହି ଅସହାୟ ପରିବାରକୁ ବଞ୍ଚିବାର ରାହା ଦେଖାଇଛି। ଉକ୍ତ ଅସହାୟ ମହିଳାଙ୍କୁ ଆବାସ ଯୋଜନାରେ ସାମିଲ କରିବା ପାଇଁ ସ୍ଥାନିୟ ଲୋକ ଦାବି କରିଛନ୍ତି। ସରପଞ୍ଚ ଜୟକିଶୋରି ନାଏକ କହିଛନ୍ତି ତାଙ୍କ ନିକଟକୁ ଗଲାପରେ ପଦକ୍ଷେପ ନେବି।

## ଶିକ୍ଷା ଓ ପ୍ରଶିକ୍ଷଣ ଶିବିର

ଚମ୍ପୁଆ,୨୭।୧୦(ଡି.ଏନ.ଏ)

ୟୁଥ ରେଡକ୍ରସ ଓଡିଶା ଆନୁକୂଲ୍ୟରେ ସ୍ଥାନୀୟ ଚନ୍ଦ୍ରଶେଖର ମହାବିଦ୍ୟାଳୟ ଠାରେ ସ୍ୱେଚ୍ଛାସେବୀ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏହି ଶିବିରରେ ବରିଷ୍ଠ ପ୍ରାଧ୍ୟାପକ ଗିରିଜା ଶଙ୍କର କର ସଭାପତିତ୍ୱ କରିଥିଲେ। ଅଗ୍ନିକାଣ୍ଡ ସମୟରେ ନିଜକୁ ଓ ଅଗ୍ନି ବିପନ୍ନଙ୍କୁ କିପରି ତୁରନ୍ତ ସୁରକ୍ଷା ପ୍ରଦାନ କରାଯାଇପାରିବ ସେନେଇ ବିଭିନ୍ନ କୌଶଳ ପ୍ରଦର୍ଶନ କରାଯାଇଥିଲା। ଶିବିରକୁ ୟୁଥ ରେଡକ୍ରସ କାଉନସିଲର ପ୍ରକାଶ କୁମାର ରାଉତ ପରିଚାଳନା କରିଥିଲେ।

## ଏସ୍‌ପିଙ୍କୁ ଦାବିପତ୍ର ଦେଲା ଜେଏମ୍ଏମ୍

ବାରିପଦା ଅଫିସ: ମୟୂରଭଞ୍ଜ ପୋଲିସର ମନମୁଖି କାର୍ଯ୍ୟକଳାପକୁ ନେଇ ଜେଏମ୍ଏମ୍ ପକ୍ଷରୁ ଜିଲା ଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦଳର ଜଣେ ମହିଳା କର୍ମୀଙ୍କୁ ଟାଣି ଟାଣି ନେଉଥିବା ପୋଲିସ ଅଧିକାରୀ ଓ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରୁଥିବା ବିଜେଡି କର୍ମୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଜେଏମ୍ଏମ୍ ରାଜ୍ୟ ଅଧକ୍ଷା ଅଞ୍ଜନୀ ସୋରେନ ଦାବି କରିଛନ୍ତି। ଆଇନ ଅନୁଯାୟୀ ପଦକ୍ଷେପ ଗ୍ରହଣ କରା ନ ଗଲେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି।

## ସଂକ୍ଷେପରେ

### ୩୨ ତେଲିଆ ମାଛ ୬୦ଲକ୍ଷ ଟଙ୍କାରେ ବିକ୍ରି



ଭୋଗରାଇ, ୨୭।୧୦(ଡି.ଏନ.ଏ.)-ସମୁଦ୍ର ମାଛ ବଦଳାଇ ଦେଲା ଟ୍ରଲର ମାଲିକଙ୍କ ଭାଗ୍ୟ। ପଶ୍ଚିମବଙ୍ଗ ଦୀଘା ଉପକୂଳରୁ ଦୁଇଦିନରେ ଧରାପଡ଼ିଲା ଦେଢ଼କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ତେଲିଆ ମାଛ। ଗତ ମଙ୍ଗଳବାର ସମୁଦ୍ରରୁ ୩୩ଟି ତେଲିଆ ମାଛ ଧରାଯାଇ ଦୀଘା ମାଛ ମାର୍କେଟ୍‌ରେ ୧କୋଟି ଟଙ୍କାର ବିକ୍ରି କରାଯାଇଥିବାବେଳେ ବୁଧବାର ପୁଣି ସେହି ଟ୍ରଲର ମାଲିକଙ୍କ ଜାଲରେ ୩୨ଟି ତେଲିଆ ମାଛ ଧରାଯାଇ ଦୀଘା ମାଛ ମାର୍କେଟ୍‌ରେ ୬୦ଲକ୍ଷ ଟଙ୍କାରେ ନିଲାମ କରାଯାଇ ବିକ୍ରି କରାଯାଇଛି। ଏହି ମାଛକୁ କୋଲକାତା କେଏମ୍‌ବି କମ୍ପାନୀ କିଣି ନେଇ କୋଲକାତାକୁ ପଠାଇଛନ୍ତି। ଜଣେ ଟ୍ରଲର ମାଲିକଙ୍କ ଜାଲରେ ଏତେ ପରିମାଣରେ ମୂଲ୍ୟବାନ ମାଛ ପଡ଼ିଥିବାରୁ ସେ ଜଣେ ଭାଗ୍ୟଶାଳୀ ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

### ବେଆଇନ ପରିବହନ ବେଳେ ୪ ଡମ୍ଫର ଜବତ

ସୋର, ୨୭।୧୦(ଡି.ଏନ୍.ଏ.)-ସୋର ତହସିଲ ଅଧୀନ ବାଗୁଡି ଖଞ୍ଜାମାହାଲ ଖାଦାନରୁ ବେଆଇନ ଭାବେ ପରିବହନ କରୁଥିବା ୪ଟି ପଥର ଓ ମାଟି ବୋଝେଇ ଡମ୍ଫରକୁ ସୋର ତହସିଲଦାର ଡ. ଅଶୋକ କୁମାର ଦାସ ଜବତ କରିଛନ୍ତି । ବିଭିନ୍ନ ସମୟରେ ବିନା କାଗଜପତ୍ର ଓ ପରମିଟ୍‌ରେ ଏହି ପରିବହନ ରୋକିବାକୁ ଖାଦାନ ରାସ୍ତାରେ ହୋଇଥିବା ଏହି ଚଢ଼ାଉରେ ଜବତ ଡମ୍ଫର ସବୁକୁ ତହସିଲ ପରିସରକୁ ଅଣାଯାଇ ଜରିମାନା ଆକଳନ କରାଯାଉଛି। ସୁପରଭାଇଜର ରାକେଶ କୁମାର ଦାସ, ଆର୍‌ଆଇ ଶୁଭେନ୍ଦୁ ଭୂଷଣ ନାୟକ, ଅମିନ ସୁଧାଂଶୁ ଶେଖର ପ୍ରଧାନ ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ।

### ସ୍ୱାସ୍ଥ୍ୟକାର୍ଡ ବଣ୍ଟନ ସାରି ଫେରିଲେ ୮ ମନ୍ତ୍ରୀ

ରାଇରଙ୍ଗପୁର,୨୭।୧୦(ଡି.ଏନ.ଏ.) ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଉପଖଣ୍ଡ ଅଧୀନ ୭ ବ୍ଲକ ଓ ପୌର ପରିଷଦ ଅଞ୍ଚଳରେ ୪ ଦିନ ଧରି ବିଜୁ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କାର୍ଯ୍ୟକ୍ରମ ସାରି ରାଜ୍ୟର ୮ଜଣ ମନ୍ତ୍ରୀ ମଙ୍ଗଳବାର ଫେରି ଯାଇଛନ୍ତି। ଏହି ମନ୍ତ୍ରୀମାନେ ହେଲେ ସମୀର ରଞ୍ଜନ ଦାଶ, ତୁଷାରକାନ୍ତି ବେହେରା, ଅଶୋକ ଚନ୍ଦ୍ର ପଣ୍ଡା, ପଦ୍ମନାଭ ବେହେରା, ପ୍ରଫୁଲ୍ଲ ମଲ୍ଲିକ, ସୁଦାମ ମାରାଣ୍ଡି, ଜଗନ୍ନାଥ ସାରକା ଓ ପଦ୍ମିନୀ ଦିଆନ। ଗତ ୨୨ ତାରିଖ ମୁଖ୍ୟମନ୍ତ୍ରୀଙ୍କ ମୟୂରଭଞ୍ଜ ଗସ୍ତ ଦିନଠାରୁ ଏହି ମନ୍ତ୍ରୀମାନେ ଅଞ୍ଚଳରେ ରହି ହିତାଧିକାରୀମାନଙ୍କୁ ସ୍ୱାସ୍ଥ୍ୟକାର୍ଡ ବଣ୍ଟନ କରୁଥିଲେ।

### ଦୁର୍ନୀତି ରୋକିବାକୁ ସଚେତନତା ଜରୁରୀ

ଭୋଗରାଇ, ୨୭।୧୦(ଡି.ଏନ.ଏ.)-ଆମ ଦେଶ ଏକ ଜନମଙ୍ଗଳକାରୀ ରାଷ୍ଟ୍ର। ଏହି ଜନମଙ୍ଗଳକାରୀ ଦେଶରେ ଦୁର୍ନୀତିର ଚେର ସୁଦୂରପ୍ରସାରୀ ହେଉଛି। ଦୁର୍ନୀତିକୁ ରୋକା ନ ଗଲେ ଗଣତନ୍ତ୍ର ବିପନ୍ନ ହେବା ସହିତ ଦେଶର ସାମାଜିକ ଅର୍ଥନୈତିକ ସ୍ଥିତି ଗଭୀର ଭାବେ ପ୍ରଭାବିତ ହୋଇ ଦେଶ ଦେବାଳିଆ ହୋଇଯିବ। ନାଗରିକମାନେ ସଚେତନ ହୋଇ ସରକାରୀ କଳରେ ଥିବା ଦୁର୍ନୀତିଖୋର ଅଫିସରମାନଙ୍କୁ କିଭଳି ଆଇନରେ ଛନ୍ଦାଯିବ ସେଥିପାଇଁ ସମସ୍ତଙ୍କୁ ସଚେତନ କରିବା ଲକ୍ଷ୍ୟ ନେଇ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ଜଳସୋହରିଆ ପଞ୍ଚାୟତ ସମ୍ମିଳନୀ କକ୍ଷରେ ବୁଧବାର ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ବିଭାଗୀୟ ଅଧିକାରୀମାନେ ମତପ୍ରକାଶ କରିଛନ୍ତି। ଦୁର୍ନୀତି ନିବାରଣ ବିଭାଗର ଡିଏସ୍‌ପି ଏସ୍‌କେ ସାମନ୍ତରା, ଆଡ଼ିସନାଲ ଏସ୍‌ପି ପି. କିଶାନ, ଇନ୍ସପେକ୍ଟର ବିଏଲ୍ ପୁହାଣ ଓ ଜୟନ୍ତୀ ଦଳାଇ, ସରପଞ୍ଚ ଲକ୍ଷ୍ମୀକାନ୍ତ ଆଧେକ, ବ୍ଲକର ଏବିଡିଓ, ସହକାରୀ ଯନ୍ତ୍ରୀ ଓ କନିଷ୍ଠଯନ୍ତ୍ରୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ତଦନ୍ତ ପାଇଁ ଆସିବେ କେନ୍ଦ୍ରୀୟ ଟିମ୍

ବାରିପଦା ଅଫିସ,୨୭।୧୦

ମୟୂରଭଞ୍ଜ ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଟେଣ୍ଡର ପାଇଥିବା କଳାତାଲିକାଭୁକ୍ତ ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ । ଫଳରେ ଟେଣ୍ଡର ପ୍ରକ୍ରିୟାର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ କୋଟି କୋଟି ଟଙ୍କାର କାର୍ଯ୍ୟ ଅତି ନିମ୍ନମାନର ହେଉଛି। ବିଭାଗୀୟ ଅଧିକାରୀମାନେ ଜାଣିଶୁଣି ଏହିଭଳି ଠିକାଦାରଙ୍କୁ କାର୍ଯ୍ୟ ପ୍ରଦାନ କରି କାମର ଉଚିତ ତଦାରଖ କରୁ ନ ଥିବାରୁ ସରକାରୀ ଯୋଜନାର ସଫଳ ରୂପାୟନ ହୋଇପାରୁ ନ ଥିବା ଅଭିଯୋଗ ହୋଇଛି। ଏକ କେନ୍ଦ୍ରୀୟ ପ୍ରତିନିଧି ଦଳ ଜିଲା ଗସ୍ତରେ ଆସି ଏହାର ତଦନ୍ତ କରିବେ ବୋଲି କେନ୍ଦ୍ର ଆଦିବାସୀ ବ୍ୟାପାର ଓ ଜଳଶକ୍ତି ମନ୍ତ୍ରୀ ଇଂ. ବିଶ୍ୱେଶ୍ୱର ଟୁଡୁ ପ୍ରକାଶ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଟୁଡୁ ନୂଆଦିଲ୍ଲୀରେ କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରଣାଳୟର ଉଚ୍ଚ ଅଧିକାରୀଙ୍କ ସହ ଏକ ସ୍ୱତନ୍ତ୍ର ବୈଠକ ଡକାଇ ଜିଲାରେ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାର ଅଗ୍ରଗତି ଓ ମାନଦଣ୍ଡ ସମ୍ପର୍କରେ ଆଲୋଚନା କରିଥିବା ଜଣାପଡ଼ିଛି।



କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁଙ୍କ ସହ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟର ଅଧିକାରୀମାନେ ଆଲୋଚନା କରୁଛନ୍ତି ।

ଜିଲାରେ ଗ୍ରାମ୍ୟ ଉନ୍ନୟନ ବିଭାଗୀୟ ଚିଠି ନଂ. ୨୩୭/୫ଅଗଷ୍ଟ ୨୦୨୧ରେ ଜିଲାର ୭୭ଟି ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଟେଣ୍ଡର ପକାଇଥିବା କଳାତାଲିକାଭୁକ୍ତ ଠିକାଦାର ଜଣକ ଜାଲ କାଗଜପତ୍ର ଦାଖଲ କରି ୬୫କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଟେଣ୍ଡର ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ୫ବର୍ଷ ପୂର୍ବେ ସମ୍ପୃକ୍ତ ଠିକାଦାର କଳା ତାଲିକାଭୁକ୍ତ ହୋଇଥିଲେ ମଧ୍ୟ ପୁନର୍ବାର ତାଙ୍କୁ ଲାଇସେନ୍ସ ପ୍ରଦାନକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଉକ୍ତ ଠିକାଦାରଙ୍କ

### କଳାତାଲିକାଭୁକ୍ତ ଠିକାଦାରଙ୍କୁ ଅନୁକମ୍ପା

ଆବଶ୍ୟକ କାର୍ଯ୍ୟଦକ୍ଷତା ପ୍ରମାଣପତ୍ର ନ ଥିବା ବେଳେ କେଉଁ ପଦ୍ଧତିରେ ତାଙ୍କୁ ଟେଣ୍ଡର ପ୍ରକ୍ରିୟାରେ ପୁନର୍ବାର ସାମିଲ କରାଗଲା ତାହା ତଦନ୍ତ ସାପେକ୍ଷ। ଏ ସଂକ୍ରାନ୍ତରେ ଅଧୀକ୍ଷଣଯନ୍ତ୍ରୀ ବିଜୟ କୁମାର ଦାସ କୁହନ୍ତି, କୌଣସି କଳାତାଲିକାଭୁକ୍ତ ଠିକାଦାରଙ୍କୁ ଟେଣ୍ଡର ପ୍ରକ୍ରିୟାରେ ସାମିଲ କରାଯାଇନାହିଁ। ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ(ଡିଏସସି) ପ୍ରାପ୍ତ ଠିକାଦାରମାନେ ଟେଣ୍ଡର ପକାଉଥିବା ବେଳେ ଉପଯୁକ୍ତ ଯାଞ୍ଚ ପରେ ବିଭାଗୀୟ ମୁଖ୍ୟଯନ୍ତ୍ରୀଙ୍କ ନିକଟକୁ ପଠାଯାଇଥାଏ। ସେଠାରୁ ଅନୁମୋଦନ ମିଳିବା ପରେ ଟେଣ୍ଡର ପ୍ରକ୍ରିୟାରେ ସାମିଲ କରାଯାଇଥାଏ। ତେବେ ଅଭିଯୋଗକୁ ନେଇ ତଦନ୍ତ ଚାଲୁ ରହିଛି ବୋଲି ସେ କହିଛନ୍ତି ।

# ଏସ୍‌ପି ଅଫିସ୍ ଘେରାଉକଲା ଭାଜପା



ଏସ୍‌ପି ଅଫିସ୍ ସମ୍ମୁଖରେ ଧାରଣାରତ ଭାଜପା କର୍ମକର୍ତ୍ତା।

ବାଲେଶ୍ୱର ଅଫିସ, ୨୭।୧୦

ବାଲେଶ୍ୱରରେ ବିଗିଡ଼ିଯାଇଛି ଆଇନଶୃଙ୍ଖଳା। ଜିଲା ବ୍ରାଉନସୁଗାର କାରବାରର ରାଜଧାନୀ ପାଲଟିଥିବା ବେଳେ ମହୁଲି ମଦ ବ୍ୟବସାୟ, ଚୋରି, ଲୁଟ୍, ମହିଳାଙ୍କ ଉପରେ ଅତ୍ୟାଚାର ଦିନକୁ ଦିନ ବଢ଼ିବାରେ ଲାଗିଛି। ଏହାର ପ୍ରତିବାଦ କରି ବାଲେଶ୍ୱର ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଶତାଧିକ କର୍ମୀ ବୁଧବାର ଏସ୍‌ପି ଅଫିସ୍ ସମ୍ମୁଖରେ

### ୫ ଘଣ୍ଟା ଓଟିରୋଡ୍ ଜାମ୍

ଧାରଣାରେ ବସିଥିଲେ। ଏସ୍‌ପିଙ୍କ ଅଫିସ୍‌କୁ ଅବରୋଧ କରିବା ସହ ସହରର ମୁଖ୍ୟ ରାସ୍ତା ଓଟିରୋଡ୍‌କୁ ଦୀର୍ଘ ୫ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବନ୍ଦ କରିଦେଇଥିଲେ। ଫଳରେ ହଜାର ହଜାର ଲୋକ ଯାତାୟାତରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ପ୍ରାୟ ଅପରାହ୍ନ ୩ଟା ପରେ ପୋଲିସର ଏକ ସ୍ୱତନ୍ତ୍ର ଦଳ ଏପିଆର୍ ଫୋର୍ସଙ୍କ ସହ ଆନ୍ଦୋଳନକାରୀଙ୍କୁ ସହଦେବଖୁଣ୍ଟା ଥାନାକୁ ନେଇ ଅଟକ ରଖିଥିଲା। ଅନ୍ୟପକ୍ଷରେ ମମିତା ମେହେରଙ୍କ ହତ୍ୟା ଘଟଣାରେ ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ବହିଷ୍କାର ଦାବି କରିଥିଲେ। ଯୁବମୋର୍ଚ୍ଚା ଜିଲା ସଭାପତି ରାଜେଶ ମହାପାତ୍ର, ରେମୁଣାର ପୂର୍ବତନ ବିଧାୟକ ଗୋବିନ୍ଦ ଦାସ, ଭାଜପା ଜିଲା ସଭାପତି ଉମାକାନ୍ତ ମହାପାତ୍ର ପ୍ରମୁଖଙ୍କ ନେତୃତ୍ୱରେ ଶତାଧିକ ଭାଜପା କର୍ମୀ ସାମିଲ୍ ଥିଲେ।

### ପଥର ଶିଳ୍ପୀଙ୍କୁ କଞ୍ଚାମାଲ ଯୋଗାଇବ ସ୍ଥାନୀୟ ପ୍ରଶାସନ

ସୋର, ୨୭।୧୦(ଡି.ଏନ.ଏ.)

ଜିଲାପାଳ କେ. ସୁଦର୍ଶନଙ୍କ ଚକ୍ରବର୍ତ୍ତୀଙ୍କ ନିର୍ଦ୍ଦେଶକ୍ରମେ ସୋର, ସିମୁଳିଆ, ବାହାନଗା, ଔପଦା ଓ ବଉଳଗଡ଼ିଆ ଅଞ୍ଚଳର ପଥର ଶିଳ୍ପୀଙ୍କୁ କଞ୍ଚାମାଲ ଯୋଗାଇବାକୁ ତହସିଲଦାର ନିଷ୍ପତ୍ତି ନେଇଛନ୍ତି। ବାଗୁଡି ଖଞ୍ଜାମହାଲ, ନୀଳଗିରି ଅଞ୍ଚଳ ବିଷ୍ଣୁପୁର ଓ ଖୋଲିଆ ପାହାଡରୁ ଆବଶ୍ୟକ ଥିବା କଞ୍ଚାମାଲ ଧଳା ମୁଗୁନି ପଥର ମିଳିବାରେ ଅସୁବିଧା ଥିଲା। କଳାକୃତିକୁ ବଞ୍ଚାଇ ରଖିବା ପାଇଁ ଶିଳ୍ପୀଙ୍କ ଆବେଦନକୁ ବିଚାରକୁ ନେଇ ଜିଲାପାଳ ସୋର ତହସିଲଦାର ଡ. ଅଶୋକ କୁମାର ଦାସଙ୍କୁ ବାଗୁଡି ପାହାଡରେ ମିଳୁଥିବା ଧଳା ମୁଗୁନି ପଥର ଆଇନଗତଭାବେ ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଡ. ଦାସ ସୋରସ୍ଥିତ ଟ୍ରକ୍ ଆସୋସିଏଶନ ସମ୍ମିଳନୀ କକ୍ଷରେ ହସ୍ତଶିଳ୍ପ ବିଭାଗ ସହକାରୀ ନିର୍ଦ୍ଦେଶକ ଅରୁଣ କୁମାର ମଣ୍ଡଳ, ସୋର, ବାହାନଗା, ଔପଦା, ସିମୁଳିଆ ଓ ନୀଳଗିରି ବ୍ଲକର ସମସ୍ତ ଏଡ଼ିଓଙ୍କ ସହ ସ୍ଥାନୀୟ ଅଞ୍ଚଳର ପଥର ଶିଳ୍ପ ଅନୁଷ୍ଠାର କର୍ମକର୍ତ୍ତା, ପୁରସ୍କାରପ୍ରାପ୍ତ ପଥର ଶିଳ୍ପୀ, ଖାଦାନ ମାଲିକଙ୍କୁ ନେଇ ଏକ ବୈଠକରେ ନିଷ୍ପତ୍ତି ନିଆଯାଇଥିବା ଜଣାଇଥିଲେ।

# ପଞ୍ଚାୟତ ନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ

ବାଲେଶ୍ୱର ଅଫିସ, ୨୭।୧୦

ବାଲେଶ୍ୱର ଜିଲା କାର୍ଯ୍ୟାଳୟର ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଜିଲାପାଳଙ୍କ ସ୍ୱାକ୍ଷରରେ ବାଲେଶ୍ୱର ଜିଲାପରିଷଦ ନିର୍ବାଚନମଣ୍ଡଳୀର ବିଭାଜନ ଓ ଆରକ୍ଷଣ ପ୍ରକାଶନ ନୋଟିସ୍‌ର ଚିଠା ସଂରକ୍ଷଣ ତାଲିକା ଗତ ୮ ତାରିଖ ଚିଠି (ନଂ. ୧୭୯୭) ଅନୁଯାୟୀ ପ୍ରକାଶ ପାଇଛି। ଏହି ଅନୁଯାୟୀ ଜିଲାର ୧୨ଟି ବ୍ଲକର ଅଧକ୍ଷ ପଦ, ୪୫ଟି ଜିଲାପରିଷଦ, ୩୬୦ ପଞ୍ଚାୟତର ସମିତିସଭ୍ୟ, ସରପଞ୍ଚ ଏବଂ ସମସ୍ତ ୱାର୍ଡ଼ର ୱାର୍ଡ଼ସଭ୍ୟ ପଦବୀର ସଂରକ୍ଷଣ ତାଲିକା ଗତ ୨୬ତାରିଖ ଜିଲା ପ୍ରଶାସନ ପକ୍ଷରୁ ପ୍ରକାଶ କରାଯାଇଛି।

ଏହାକୁ ଲକ୍ଷ୍ୟରେ ରଖି ପ୍ରଶାସନ ପକ୍ଷରୁ ପ୍ରାକ୍ ନିର୍ବାଚନ ପ୍ରସ୍ତୁତି ଆରମ୍ଭ ହୋଇଛି। ଭୋଟର ତାଲିକା ପ୍ରକାଶ କରିବା ପାଇଁ ପ୍ରସ୍ତୁତି ସହିତ ଭୋଟର ବାକ୍ସଗୁଡ଼ିକୁ ସଫା କରାଯାଇ



ପ୍ରଶାସନ ପକ୍ଷରୁ ଭୋଟର ବାକ୍ସକୁ ସଜଡ଼ାଯାଉଛି।

ମରାମତି କରାଯାଉଛି। ଚଳିତବର୍ଷ ପଞ୍ଚାୟତ ନିର୍ବାଚନ ଭୋଟିଂ ମେଶିନରେ ନ ହୋଇ ବାଲାଟ୍ ପେପର ମାଧ୍ୟମରେ କରାଯାଉଛି। ଅନ୍ୟପକ୍ଷରେ ଆଶାୟୀ ପ୍ରାର୍ଥୀମାନେ ଗାଁ ଗାଁ ବୁଲିବା ସହିତ ଦଳରେ ମିଶ୍ରଣ କାର୍ଯ୍ୟକ୍ରମରେ ମାତିଛନ୍ତି।

### ସିପିଆଇ ପକ୍ଷରୁ ଗଣବିକ୍ଷୋଭ

ଔପଦା, ୨୭।୧୦(ଡି.ଏନ.ଏ.)

ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ) ପକ୍ଷରୁ ବିଭିନ୍ନ ଦାବି ନେଇ ଶତାଧିକ ଦଳୀୟ କର୍ମୀ ନେତା ବ୍ଲକ ସମ୍ମୁଖରେ ବିକ୍ଷୋଭ କରିଥିଲେ। ପାର୍ଟିର ବରିଷ୍ଠ ନେତା ନିରଞ୍ଜନ ପ୍ରସାଦ ବାରିକ, କୈଳାସ ପଣ୍ଡା ଓ ପୁରସ୍ତମ ସେଠୀଙ୍କ ନେତୃତ୍ୱରେ ଏକ ବିରାଟ ରାଲି ଔପଦା କଲେଜ ଛକଠାରୁ ବାହାରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ନାରା ଦେଇ ବଜାର ପରିକ୍ରମା କରି ବ୍ଲକ ସମ୍ମୁଖରେ ପହଞ୍ଚି ବିକ୍ଷୋଭ କରିଥିଲେ। ସେଠାରେ ଏକ ପ୍ରତିବାଦ ସଭା କରାଯାଇଥିଲା। ବିଭିନ୍ନ ଦାବି ନେଇ ୬ଦଫା ସମ୍ବଳିତ ଦାବିପତ୍ରକୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କ ଜରିଆରେ ପ୍ରଦାନ କରାଯାଇଥିଲା।

# ବିରୋଧୀ ସ୍ୱରକୁ ଭୋଟରେ ପରିବର୍ତ୍ତନ ପାଇଁ ଆହ୍ୱାନ



ସାଧାରଣ ସଭାରେ ମଞ୍ଚାସୀନ ଅତିଥିବୃନ୍ଦ।

ଖଇରା, ୨୭।୧୦(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ କୁପାରୀ ପଞ୍ଚାୟତ ଅଧୀନ ଧୋବାଗଡିଆଠାରେ କଂଗ୍ରେସର ଏକ ସାଧାରଣ ସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ଶରତ ଚନ୍ଦ୍ର ଦାସ ପୌରୋହିତ୍ୟ କରିଥିଲେ। ଭଦ୍ରକ ପୂର୍ବତନ ଏମ୍‌ପି ତଥା ପ୍ରାକ୍ତନ ରାଜ୍ୟ ଉପସଭାପତି ଅନନ୍ତ ପ୍ରସାଦ ସେଠୀ ତଥା ଜିଲା କଂଗ୍ରେସ ସଭାପତି ସଞ୍ଜୀବ ଗିରି, ଭଦ୍ରକ ଏମ୍‌ପି ପ୍ରାର୍ଥିନୀ ମଧୁମିତା ସେଠୀ ଯୋଗଦେଇ ଉତ୍ତରପ୍ରଦେଶର ଉଦାହରଣ ଦେଇ ବର୍ତ୍ତମାନ ଭାଜପାର ପତନ ଓ କଂଗ୍ରେସର ଉତ୍‌ଥାନ ହେଉଛି। ଖଇରା ପୁଅ ତଥା ପାରଳାଖେମୁଣ୍ଡି ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ର ଘଟଣାକୁ ନ୍ୟାୟ ଦେବା ବଦଳରେ କେବଳ ରାଜନୀତି କରାଯାଉଛି। ଏସିଏଫ୍ ସୌମ୍ୟରଞ୍ଜନ ହେଉ କି ମମିତା ମେହେର ମାମଲାରେ ରାଜ୍ୟ ସରକାରଙ୍କ ନୀତି ନିୟତି ଉପରେ କଂଗ୍ରେସ ପ୍ରଶ୍ନ ଉଠାଇଛି। ଅନ୍ୟମାନଙ୍କ ମଧ୍ୟରେ ଜିଲା ସମ୍ପାଦକ ପଶୁପତି ଉପାଧ୍ୟାୟ, ବ୍ଲକ କାର୍ଯ୍ୟକାରୀ ସଭାପତି ବସନ୍ତ କୁମାର ପାତ୍ର, ଯୁବ ସଭାପତି ନିରଞ୍ଜନ ପରିଡା, ସମିତିସଭ୍ୟ ରାଜେନ୍ଦ୍ର ଜେନା, ଉପସଭାପତି ପ୍ରତାପ ରାୟ, ପ୍ରଫୁଲ୍ଲ ସାହୁ ପ୍ରମୁଖ ଯୋଗଦେଇ ଆଗାମୀ ପଞ୍ଚାୟତ ନିର୍ବାଚନରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉପରେ ଥିବା ଅସନ୍ତୋଷକୁ ଭୋଟରେ ବଦଳାଇ ପାରିଲେ କଂଗ୍ରେସ ପଞ୍ଚାୟତ ସହ ବ୍ଲକ, ଜିଲା ପରିଷଦ ଦଖଲ କରିବ ବୋଲି କହିଥିଲେ। ଏହି ଅବସରରେ ଅମ୍ବିକା ଆଶ୍ରମର ଦିବଂଗତ ସଞ୍ଚାଳକ ବଡବାବାଙ୍କ ପାଇଁ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।

# ଦୁର୍ନୀତି ନିବାରଣ ସଚେତନତା ପାଇଁ ମାରାଥନ

ବାଲେଶ୍ୱର ଅଫିସ, ୨୭।୧୦

ବାଲେଶ୍ୱର ଜିଲାର କ୍ରୀଡ଼ା ଛାତ୍ରାବାସର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ବୁଧବାର ଗୋଲେଇଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ମାରାଥନ ଦୌଡ଼ ଅନୁଷ୍ଠିତ ହୋଇଥିଲା। ଏଥିରେ ୫୦ରୁ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

ବାଲେଶ୍ୱର ଭିଜିଲାନ୍ସ ଖଣ୍ଡ ଆରକ୍ଷୀ ଅଧୀକ୍ଷକ ନରହରି ନାୟକ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ବିଭିନ୍ନ କ୍ଷେତ୍ରରେ ହେଉଥିବା ଦୁର୍ନୀତି ସମ୍ପର୍କରେ ସଚେତନ ହୋଇ ଏହାର ମୂଳୋତ୍ପାଟନ ପାଇଁ ସମସ୍ତେ ଉଦ୍ୟମ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଭିଜିଲାନ୍ସ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପରମେଶ୍ୱର କିଶାନ, ଭିଜିଲାନ୍ସ ଡିଏସ୍‌ପି ସନ୍ତୋଷ କୁମାର ସାମନ୍ତରା, ଜିଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନାଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀ ଓ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ । ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଅଧିକାରୀ ଓ କର୍ମଚାରୀ ସହଯୋଗ କରିଥିଲେ।




ସବୁଜ ପତାକା ଦେଖାଇ ଅତିଥି ମାରାଥନ୍‌ର ଶୁଭାରମ୍ଭ କରୁଛନ୍ତି।

# ୪ଲକ୍ଷ ଟଙ୍କାର ଯନ୍ତ୍ରାଂଶ, କାଠ ଜବତ

ରୂପସା, ୨୭।୧୦(ଡି.ଏନ.ଏ.)

ବାଲେଶ୍ୱର ବନଖଣ୍ଡ ଅଧିକାରୀ ବିମଳ ପ୍ରସନ୍ନ ଆଚାର୍ଯ୍ୟଙ୍କ ନିର୍ଦ୍ଦେଶକ୍ରମେ ରେଞ୍ଜର ଗଣେଶ ପ୍ରସାଦ ଲେଙ୍କାଙ୍କ ନେତୃତ୍ୱରେ ମଙ୍ଗଳବାର ବସ୍ତା ଥାନା ବାସୁଚକୁରାଇ ଗାଁରେ ଚଢ଼ାଉ କରାଯାଇ ଏକ ବେଆଇନ ଭ୍ରାମ୍ୟମାଣ ସ' ମିଲ୍ ଜବତ କରାଯାଇଛି। ଫରେଷ୍ଟର ବିବେକାନନ୍ଦ ଜେନା ଓ ବାଲୁକେଶ୍ୱର ହେମ୍ବ୍ରମ ପ୍ରମୁଖ ବସ୍ତା ଥାନା ପୋଲିସ ଓ ବନବିଭାଗ କର୍ମଚାରୀଙ୍କ ସହାୟତାରେ ଚଢ଼ାଉ କରି ୪ ଲକ୍ଷ ଟଙ୍କାର ଯନ୍ତ୍ରାଂଶ ସହ ମୂଲ୍ୟବାନ କାଠ ଜବତ କରିଛନ୍ତି। ଏ ସମ୍ପର୍କରେ ବିଭାଗ ତରଫରୁ ଏକ ମାମଲା(ନଂ.୨୬/୨୧)

### ଭ୍ରାମ୍ୟମାଣ ସ' ମିଲ୍‌ରେ ଚଢ଼ାଉ

ରୁଜୁ ହୋଇ ତଦନ୍ତ ଜାରି ରହିଛି। ଜିଲାବ୍ୟାପୀ ବନବିଭାଗ ପକ୍ଷରୁ ଚଢ଼ାଉ ଫଳରେ ସମସ୍ତ ବେଆଇନ ଶ'ମିଲ ବନ୍ଦ ରହିଛି । ଫଳରେ ଲାଭଖୋର ମନୋବୃତ୍ତି ରଖି ମିଲ୍ ମାଲିକମାନେ ଏହି ଭ୍ରାମ୍ୟମାଣ ଶ' ମିଲ କରି ଗାଁ ଗାଁ ବୁଲି ଲୁଚି ଛପି କାଠ କାଟୁଥିବା ବିଭାଗ ପାଖରେ ଖବର ପହଞ୍ଚିଥିଲା। ଚଢ଼ାଉ ବେଳେ ମିଲ୍‌ମାଲିକ ଘଟଣାସ୍ଥଳରୁ ଚମ୍ପଟ ମାରିଥିବା ବନବିଭାଗ ଅଧିକାରୀ କହିଛନ୍ତି।

# ରକ୍ତ ସଂଗ୍ରହରେ ବାଲେଶ୍ୱର ସମ୍ମାନିତ

ବାଲେଶ୍ୱର ଅଫିସ, ୨୭।୧୦

ପୁରୀଠାରେ ଅନୁଷ୍ଠିତ ବିଜେଡିର ରାଜ୍ୟସ୍ତରୀୟ ପ୍ରଶିକ୍ଷଣ ଶିବିର ଅବସରରେ ସର୍ବାଧିକ ୟୁନିଟ୍ ରକ୍ତ ସଂଗ୍ରହ କରିବା କ୍ଷେତ୍ରରେ ବାଲେଶ୍ୱର ଯୁବ ବିଜେଡ଼ିକୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ରାଜ୍ୟ ଯୁବ ବିଜେଡି ସଭାପତି ଡ. ବ୍ୟୋମକେଶ ରାଏ ସଭାପତିତ୍ୱ କରିଥିଲେ। ଏଥିରେ ୩୧୪ ବ୍ଲକ ଯୁବସଭାପତି, ସମସ୍ତ ଟାଉନ ଏବଂ ମୁନିସିପାଲିଟି ସଭାପତି ରାଜ୍ୟ କର୍ମକର୍ତ୍ତାମାନେ ଯୋଗଦେଇଥିଲେ।

ରକ୍ତ ସଂଗ୍ରହରେ ବାଲେଶ୍ୱର ଯୁବ ବିଜେଡି ପକ୍ଷରୁ ଅଧିକ ୟୁନିଟ୍ ଗ୍ରହଣ କରାଯାଇଥିବା ନାମ ଘୋଷଣା ହୋଇଥିଲା। ଜିଲା ଯୁବ ବିଜେଡି ସଭାପତି ତାପସ ପରିଡ଼ା ଟ୍ରଫି ଗ୍ରହଣ କରିଥିଲେ। ଉକ୍ତ ସମୟରେ ଜିଲାର ସମସ୍ତ ବ୍ଲକ ଏବଂ ଟାଉନ ସଭାପତି ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାଏକ, ଦେବୀ ମିଶ୍ର, ସଞ୍ଜୟ ଦାସବର୍ମା ଓ ବିଧାୟକ ପ୍ରଣବ ବଳବନ୍ତରାଏ ମିଳିତ ଭାବେ ସମ୍ବର୍ଦ୍ଧିତ କରିଥିଲେ।



ବାଲେଶ୍ୱର ଯୁବ ବିଜେଡିକୁ ସମ୍ମାନିତ କରାଯାଉଛି।

# 'ଜନସେବାରେ ନିୟୋଜିତ ହେବାକୁ ଆହ୍ୱାନ'

ରୂପସା, ୨୭।୧୦(ଡି.ଏନ.ଏ.)

ବାଲେଶ୍ୱର ସଦର ବ୍ଲକ ରୂପସା ନୀଳମଣି ମହାବିଦ୍ୟାଳୟ ଯୁବ ରେଡ଼କ୍ରସ ଆନୁକୂଲ୍ୟରେ କ୍ଲଷ୍ଟରସ୍ତରୀୟ ଯୁବ ରେଡ଼କ୍ରସ ସ୍ୱେଚ୍ଛାସେବୀଙ୍କ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଅଧକ୍ଷ ବସନ୍ତ କୁମାର ଭୋଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବାଲେଶ୍ୱର ଓଡିଶା ଇନଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍ସ କଲେଜ ଅଧକ୍ଷ ଡ଼ା. ଜ୍ୟୋତିର୍ମୟ ଚୌଧୁରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଛାତ୍ରୀଛାତ୍ର ଜନସେବାରେ ନିୟୋଜିତ ହେଲେ ରାଷ୍ଟ୍ରର ବିକାଶ ସମ୍ଭବ ବୋଲି ବକ୍ତବ୍ୟରେ କହିଥିଲେ। ସମ୍ମାନିତ ଅତିଥି ଭାବେ ଦୀନକୃଷ୍ଣ ମହାବିଦ୍ୟାଳୟର ଯୁବ ରେଡ଼କ୍ରସ କାଉନସେଲର ଡ. ମାନସ କୁମାର ଦାସ, ପ୍ରାଧ୍ୟାପକ ଡ.




ଉଦ୍‌ଘାଟନୀ ଉତ୍ସବରେ ସ୍ୱେଚ୍ଛାସେବୀଙ୍କ ଗହଣରେ ଅତିଥିମାନେ।

ପ୍ରସନ୍ନ କୁମାର ମନ୍ତ୍ରୀ, ପ୍ରାଧ୍ୟାପିକା ନୀଳିମା ପାତ୍ର ଓ ବାଲେଶ୍ୱର ଜିଲା କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଗୌରାଙ୍ଗ ପଣ୍ଡା ପ୍ରମୁଖ ଯୁବ ରେଡ଼କ୍ରସର ଗୁରୁତ୍ୱ ସମ୍ବନ୍ଧରେ ଆଲୋକପାତ କରିଥିଲେ।

ଶିବିର ମାଧ୍ୟମରେ ଯୁବ ରେଡ଼କ୍ରସର ନୀତି ଓ ନିୟମାବଳୀ, କୋଭିଡ-୧୯ ସଚେତନତା, ପ୍ରାଥମିକ ଚିକିତ୍ସା, ସ୍ୱେଚ୍ଛାକୃତ ରକ୍ତଦାନ, ସଡ଼କ ସୁରକ୍ଷା, ବିପର୍ଯ୍ୟୟ ପରିଚାଳନା, ଏଚ୍‌ଆଇଭି/ଏଡ୍‌ସ ଓ ରକ୍ତଦାନ ସଚେତନତା ଆଦି କାର୍ଯ୍ୟକ୍ରମ ଆୟୋଜନ ହେବ ବୋଲି ଯୁବ ରେଡ଼କ୍ରସ କାଉନସେଲର ଅଧ୍ୟାପିକା ପଦ୍ମିନୀ ନାୟକ ସୂଚନା ଦେଇଛନ୍ତି। ସ୍ୱେଚ୍ଛାସେବୀ ଦେବେନ୍ଦ୍ର ଆଚାର୍ଯ୍ୟ, ଦୀନବନ୍ଧୁ ବାସ୍କେ, ଧରିତ୍ରୀ ମିଶ୍ର, ମମତା ସାହୁ, ଧରିତ୍ରୀ ଦାସ, ସସ୍ମିତା ବେହେରା, ହିମାଂଶୁ ଗୋଛାୟତ, ରାକେଶ ସେନାପତି, ନିରଞ୍ଜନ ମହାଳିକ, ଜିତେନ୍ଦ୍ର ପାତ୍ର ଓ ଏଲିନା ପ୍ରିୟଦର୍ଶିନୀ ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ। ଶାନ୍ତିଲତା ମହାବିଦ୍ୟାଳୟର ଯୁବ ରେଡ଼କ୍ରସ କାଉନସେଲର ଅଧ୍ୟାପିକା ମମତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

